

ନୂଆଁଖାଇ ପାଇଁ ନୂଆ ଧାନ ଓ ପାତ୍ର ବିକ୍ରି କରାଯାଉଛି ।

# ନୂଆଁଖାଇ ତିହାର: ଗାଁଠୁ ସହର ଚଳଚଞ୍ଚଳ

**ସୋନପୁର,୩୧।୮(ନି.ପ୍ର.):** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ ନୂଆଁଖାଇ ଗୁରୁବାର ପାଳନ ହେବ। କରୋନା ମହାମାରୀ କଟକଣା ହଟିଥିବାରୁ ଅଞ୍ଚଳବାସୀ ଏହି ପର୍ବକୁ ଚଳିତବର୍ଷ ଆନନ୍ଦ ଉଲ୍ଲାସର ସହ ଏହାକୁ ପାଳନ କରିବା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଏଥିଲାଗି ସଜେଇ ହୋଇଛି ଗାଁ ଦାଣ୍ଡ, ଦିଅଁ ଦେଉଳ, ଦେବଦେବୀ ଓ ଘରଦ୍ୱାର। ଗାଁଠୁ ସହର ଉତ୍ସବର ମାହୋଲ। ବାହାରେ ରହୁଥିବା ଲୋକେ ମଧ୍ୟ ନିଜ ନିଜ ଘରକୁ ଫେରିଆସିଛନ୍ତି। ସ୍ୱକୁଟୁମ୍ବ ଓ ସାହିପଡ଼ିଶାଙ୍କ ସହ ମିଶି ନୂଆଁଖାଇ(ନବାନ୍ନ ଭକ୍ଷଣ) ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି। ନୂଆଁଖାଇରେ ନୂଆ ଚାଉଳ, ନୂଆ ବସ୍ତ୍ର ସାଙ୍ଗକୁ ନୂଆ ପାତ୍ରର ବ୍ୟବହାର କରାଯାଇଥାଏ। ଘରେ ଘରେ ନୂଆ ଚାଉଳରେ ପ୍ରସ୍ତୁତ ନୈବେଦ୍ୟକୁ ନୂଆପାତ୍ରରେ ଇଷ୍ଟ ଦେବଦେବୀଙ୍କୁ ଅର୍ପଣର ବିଧି ରହିଛି । ପ୍ରଚଳିତ ପରମ୍ପରା ଅନୁଯାୟୀ, ନୂଆ ସରିଆ ଧାନରୁ ପ୍ରସ୍ତୁତ ହୁଏ ଚୁଡ଼ା। ଏହାକୁ ଇଷ୍ଟଦେବୀଙ୍କ ନିକଟରେ ସମସ୍ତେ ଅର୍ପଣ କରନ୍ତି। ଏ ଅବସରରେ ବୁଧବାର ସୋନପୁରରେ ତିହାର ହାଟ ବସିଥିଲା। ପନିପରିବା ସହ ଫଳମୂଳ ଓ ଅନ୍ୟାନ୍ୟ ସାମଗ୍ରୀ ଦର ଆକାଶଛୁଆଁ ରହିଥିଲେ ମଧ୍ୟ ଘରେ ଛଅ ତିଅଣ ନଅ ଭଜା ପ୍ରସ୍ତୁତ ପାଇଁ ଲୋକେ ବଜାରରୁ ବିଭିନ୍ନ ସାମଗ୍ରୀ କିଣାକିଣି କରିଥିଲେ। ଜିଲା ବାହାରର ଚାଷୀ ବଜାରରେ ସରିଆ ଧାନ ବିଡ଼ା ପ୍ରତି ୧୦ ଟଙ୍କାରେ ବିକ୍ରି କରିଥିଲେ। ସେହିପରି ନୂଆଁଖାଇ ଆମ୍ବିଳାରେ ପଡୁଥିବା କରଡ଼ି, ସରିଆ ଧାନରୁ ପ୍ରସ୍ତୁତ ଚୁଡ଼ା, ଖଲିପତ୍ର, କୁରେପତ୍ର, ମାଟିପାତ୍ର ଓ ବାଉଁଶ ପାତିଆର ମଧ୍ୟ ଭାଉ ଥିଲା। ମାଟିପାତ୍ର ଓ ବାଉଁଶ ପାତିଆରେ ପ୍ରସ୍ତୁତ ଭୁଗା ଓ ଟାଙ୍ଗୁଡ଼ିର ଚାହିଦା ଅଧିକ ରହିଥିଲା। କାରଣ ନୂଆ ଚାଉଳକୁ ନବାନ୍ନ ଭାବେ ମାଟିପାତ୍ରରେ ଭଗବାନଙ୍କୁ ସମର୍ପଣ କରାଯାଇଥାଏ। ଅନ୍ୟପକ୍ଷେ ଡ୍ରେସ୍, ଶାଢ଼ି ଓ କସ୍‌ମେଟିକ୍ସ ଶୋ'ରୁମ୍‌ରେ ରାତିପର୍ଯ୍ୟନ୍ତ ପ୍ରବଳ ଭିଡ଼ ଲାଗିରହିଥିଲା। ସେପ୍ଟେମ୍ବର ୧ ଗୁରୁବାର ସକାଳ ୧୦ଟା ୭ରୁ ୧୦ଟା ୨୧ ମିନିଟ୍ ମଧ୍ୟେ ମାହେନ୍ଦ୍ର ବେଳାରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗିବ। ଏହାପରେ ଜିଲାବାସୀ ତଥା ପୁରାତନ ଗଡ଼ଜାତ ସୋନପୁରବାସୀ ନବାନ୍ନ ଭକ୍ଷଣ କରିବେ।













































# ସପ୍ତାହିକ ହାଟରେ ଚଢ଼ାରେ ନୂଆଁ ଧାନ ବିକ୍ରି

ନୂଆପଡ଼ା ଅଫିସ,୩୧।୮



ରାତି ପାହିଲେ ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ। ଏଥିପାଇଁ ପୁରପଲ୍ଲୀ ଚଳଞ୍ଚଳ ହୋଇଉଠିଛି। ଲୋକେ ଉତ୍ସାହର ସହିତ ଦେଶ ବିଦେଶରୁ ନୂଆଁ ଖାଇବା ପାଇଁ ଘରକୁ ଫେରୁଛନ୍ତି। ପରିବାର ଲୋକେ ନୂଆଁଖାଇରେ ଲାଗୁଥିବା ଜିନିଷପତ୍ର ଯୋଗାଡ କରିବାରେ ବ୍ୟସ୍ତ ରହିଥିବା ବେଳେ ମହିଳାମାନେ ଘର ସଫା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ପୁରୁଷମାନେ କୁରେ ପତର ଓ ନୂଆଁ ଧାନ ସଂଗ୍ରହ କରିବାରେ ଲାଗି ପଡିଛନ୍ତି। ହେଲେ ଚଳିତବର୍ଷ ଜିଲାରେ ନୂଆଁ ଧାନର ଅଭାବ ରହିଥିବାରୁ ଲୋକେ ସପ୍ତାହିକ ହାଟରୁ ଚଢା ଦରରେ କ୍ରୟ କରୁଛନ୍ତି। ଯେଉଁ ଧାନ କି ଚାଷୀଙ୍କ ପ୍ରଥମ ଉତ୍ପାଦିତ ଅମଳ ଚାଷୀଙ୍କୁ କିଣିବାକୁ ପଡି ନ ଥାଏ। ନିଜ ଚାଷ ଜମି ବା ପଡୋଶୀଙ୍କ ଜମିରୁ ଉତ୍ପାଦିତ ଧାନ ଆଣି ଚୂଡା କରି ଗୁଡ ସହିତ ଘର ଇଷ୍ଟ ଦେବୀଠାରେ ଅର୍ପଣ କରି ପରିବାର ଲୋକେ ନୂଆଁ ଖାଇଥାନ୍ତି। ବର୍ତ୍ତମାନ ଲୋକେ ଅର୍ଥକାରୀ ଫସଲ କପା ଓ ମକା ଚାଷ ଉପରେ ଧ୍ୟାନ ଦେଇ ଆଟ ଧାନ ଚାଷ ଛାଡିବାକୁ ବସିବାରୁ ଜିଲାରେ ଧାନର ଅଭାବ ଦେଖାଯାଇଛି। ଫଳରେ ଚାଷୀଙ୍କୁ ହିଁ ଅନ୍ୟଠାରୁ ଚଢା ଦରରେ କ୍ରୟ କରିବାକୁ ପଡୁଛି। ଆଟ ଧାନ ଚାଷୀଙ୍କ ପ୍ରଥମ ଉପାର୍ଜିତ ଅମଳ ବୋଲି ଆଟ ଧାନର ଚୂଡା କରି ଗୁଡ ସହିତ ଗାଁ ଓ ଘର ଇଷ୍ଟଦେବୀଙ୍କୁ ଅର୍ପଣ ପରେ ଭକ୍ଷଣ ହୋଇଥାଏ। ଅଧିକ ଅର୍ଥ ଆଶାରେ ଚାଷୀ କେବଳ କପା ଓ ମକା ଚାଷ ଉପରେ ଧ୍ୟାନ ଦେଇ ଆଟ ଧାନକୁ ଛାଡିବାରେ ଲାଗିଛି। ଆଟ ଧାନର ମଣ୍ଡି ନାହିଁ ଏବଂ ଅମଳ କମ ହେଉଥିବା ଯୋଗୁ ଲୋକେ ଛାଡିବାରେ ଲଗିଛନ୍ତି। ଏହି ଧାନ ବୁଣିବା ଦିନଠାରୁ ଅମଳ ପର୍ଯ୍ୟନ୍ତ ମୋଟ ୬୦ ଦିନ ବା ଦୁଇ ମାସ ଲାଗିଥାଏ। କମ ଦିନରେ ଅମଳ ହେଉଥିବା ଓ ପ୍ରଥମେ ଅମଳ ହେଉଥିବାରୁ ଆଟ ଧାନର ଚୂଡା ପ୍ରଥମେ ଇଷ୍ଟଦେବୀ ଉପରେ ଭୋଗ ଲାଗୁଥିବାରୁ ଚାଷୀ ସମ୍ପୂର୍ଣ୍ଣ ଭାବେ ନ ଛାଡି କାଁ ଭାଁ ଚାଷ କରି ଆସୁଛନ୍ତି। କିମ୍ବା ଦୁଇ ପଇସା ରୋଜଗାର ଆଶାରେ ଚାଷୀ ଚାଷ କରୁଛି। ସରକାର କିମ୍ବା କୃଷି ବିଭାଗ ପକ୍ଷରୁ ଆଟ ଧାନ ପ୍ରତି ଗୁରୁତ୍ୱ ନ ଦେଲେ ସମ୍ପୂର୍ଣ୍ଣ ଲୋପ ହୋଇଯିବ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।







































## ପାଳିତ ହେଲା ଗଣେଶ ଚତୁର୍ଥୀ

ଖଡ଼ିଆଳ,୩୧।୮(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକର ପୁରପଲ୍ଲୀ ସହ ସ୍କୁଲ, କଲେଜ, ଶିକ୍ଷା ଅନୁଷ୍ଠାନ ସହ ବିଭିନ୍ନ ଛକରେ ଗଣେଶ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଏ ନେଇ ମୂର୍ତ୍ତି କାରିଗରମାନେ ଚଳିତ ବର୍ଷ ବ୍ୟାପକ ବ୍ୟବସାୟ ହୋଇଥିବା କହନ୍ତି। ଗତ ଦୁଇ ବର୍ଷ କୋଭିଡ୍ କଟକଣାରୁ ନିଜ ଧନ୍ଦା ଠପ ପଡିଥିବା ବେଳେ ଚଳିତବର୍ଷ ବ୍ୟାପକ ଧନ୍ଦା ହୋଇଛି। କୋଭିଡ୍ କଟକଣା ନ ଥିବାରୁ ଗଣେଷ ପୂଜା ମଧ ବିଭିନ୍ନ ଅନୁଷ୍ଠାନମାନେ ଛକ ସ୍ଥାନରେ ବ୍ୟାପକ ଆୟୋଜନ କରୁଛନ୍ତି। ଚିତ୍ତାକର୍ଷଣ ଗଣେଶ ମୂର୍ତ୍ତି ରଙ୍ଗବିରଙ୍ଗ ଦେଇ ବହୁ ଆକର୍ଷଣ ଦିଶୁଛି।




# ମିଶନ ଶକ୍ତି ଖୋଲିଲା ନୂଆଁଖାଇ ବଜାର

ଦେଓଗାଁ,୩୧।୮(ଡି.ଏନ.ଏ)

### ୧୦ଲକ୍ଷ ଟଙ୍କାର ବ୍ୟବସାୟ ହେଲା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମିଶନ ଶକ୍ତି ଦ୍ୱାରା ଡୁମେରପିଟାରେ ବୁଧବାର ନୁଆଁଖାଇ ବଜାର ଅନୁଷ୍ଠିତ ଖୋଲିଥିଲା। ଗୁରୁବାର ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୁଆଁଖାଇ ପାଳିତ ହେବାକୁ ଥିବାବେଳେ ଦିନକ ପୂର୍ବରୁ ମିଶନ ଶକ୍ତି ଅଧୀନ ସ୍ୱଂୟ ସହାୟକ ଦଳ ତରଫରୁ ଛେଳି, କୁକୁଡା, ଶୁଖିଲା ଖାଦ୍ୟ, ମସଲା, ପନିପରିବାକୁ ନେଇ ଏକ ବଜାର ବସିଥିଲା । ନୂଆଁଖାଇ ପର୍ବ ପରଦିନ ପ୍ରତ୍ୟେକ ଗାଁରେ ଭୋଜି ଭାତ ଆସର ଜମିଥାଏ। ଏଣୁ ପଶ୍ଚିମ ଓଡିଶାରେ ଆମିଷ ବିକ୍ରିର ବେଶ ଚାହିଦା ରହିଥାଏ । ଏଣୁ ବ୍ଲକର ବିଭିନ୍ନ ଗାଁରେ ଛେଳି, କୁକୁଡା, ବତକ ଚାଷ କରିଥିବା ସ୍ୱଂୟ ସହାୟକ ଦଳ ତଥା ଅନ୍ୟମାନଙ୍କୁ ନେଇ ଓଡିଶା ଜୀବିକା ମିଶନ ସହାୟତାରେ ଏହି ବଜାରର ଆୟୋଜନ କରାଯାଇଥିଲା। ଏହି ବଜାରରେ ପ୍ରାୟଃ ୧୦ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ କହିଛନ୍ତି। ଡୁଲେଶ୍ୱରୀ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବଜାରରେ ସରପଞ୍ଚ ବାସନ୍ତୀ ପଟେଲ, ନିତ୍ୟାନନ୍ଦ ପଟେଲ, ଜୟଦେବ ସୁନା ପ୍ରମୁଖ ସହଯୋଗ କରିଥିଲେ।




# ବିଶେଷ ଆକର୍ଷଣ ପାହୁର ଯାତ୍ରା

ପାହୁର ପର୍ବ ପୁରାତନ ସୋନପୁର ଗଡ଼ଜାତ ରାଜ୍ୟର ପ୍ରଚଳିତ ପ୍ରଥା ଓ ପରମ୍ପରା । ଚୌହାନ ରାଜବଂଶର ଇଷ୍ଟଦେବୀ ମାଁ ସମଲେଇ ମନ୍ଦିରରେ ନୂଆଁଖାଇ ପର୍ବର ଆଦ୍ୟ ପରମ୍ପରା ପାହୁର ଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏହା ନୂଆଁଖାଇର ବିଶେଷ ଆକର୍ଷଣ। ରାଜାଙ୍କ ପ୍ରଦତ୍ତ ନୂଆଁଖାଇ ଖଞ୍ଜା ସମଲେଇ ମନ୍ଦିରରୁ ବିଭିନ୍ନ ଦେବଦେବୀଙ୍କ ମନ୍ଦିରକୁ ପୂର୍ବରୁ ଯାଉଥିଲା। ରାଜା ଶାସନର ଅନ୍ତ ହେବା ପରେ ପରମ୍ପରା ରକ୍ଷାପୂର୍ବକ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଦ୍ୱାରା ଏବେ ସେହି କାର୍ଯ୍ୟ ସମ୍ପାଦନ ହେଉଛି। ନୂଆଲୁଗା, ଚାଉଳ, ଡାଲି, ପନିପରିବା, ଘିଅ, ନୈବେଦ୍ୟ ଆଦି ସାମଗ୍ରୀ ସମଲେଇ ମନ୍ଦିରରୁ ସେବାୟତମାନେ ଅନ୍ୟ ଦେବଦେବୀଙ୍କ ମନ୍ଦିରକୁ ନେଇଥାନ୍ତି। ତେବେ ଏହିସବୁ ସାମଗ୍ରୀ କୌଣସି ପ୍ଲାଷ୍ଟିକ୍ ପାତ୍ରରେ ନ ନେଇ ପୂଜକମାନେ ନୂଆ ହାଣ୍ଡିରେ ଭର୍ତ୍ତିକରି ନେଇଥାନ୍ତି। ପାରମ୍ପରିକ ବାଦ୍ୟ, ଢୋଲ, ନିଶାନ, ମହୁରି ତାଳରେ ପାହୁର ଯାତ୍ରା ଅଷ୍ଟଚଣ୍ଡୀ ଓ ବଡ଼ ହନୁମାନଙ୍କ ପୀଠ ପର୍ଯ୍ୟନ୍ତ ଯିବ। ଶ୍ରଦ୍ଧାଳୁମାନେ ନୂଆଲୁଗା ପିନ୍ଧି ହାତରେ ବାନା, ଛତ୍ର ଆଦି ଧରି ଯାତ୍ରାରେ ସାମିଲ ହୁଅନ୍ତି। ନୂଆଁଖାଇ ଦିନ ସକାଳ ୮ଟା ୨୦ରୁ ୯ଟା ୨୦ ମିନିଟ୍ ମଧ୍ୟରେ ଯାତ୍ରା ବାହାରିବା ନେଇ ପୂର୍ବରୁ ପଣ୍ଡିତ ମହାସଭାରେ ସ୍ଥିର ହୋଇଛି । ନୂଆଁଖାଇ ଓ ପାହୁର ଯାତ୍ରା ସହିତ ସୋନପୁରର ପ୍ରସିଦ୍ଧ ବଳିଯାତ୍ରାର ସମ୍ପର୍କ ରହିଛି।

**ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର**

### ସମର୍ପଣ ଭାବର ପର୍ବ ନୂଆଁଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁଙ୍କ ପୀଠ ସୁବର୍ଣ୍ଣପୁରରେ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୁଏ। ଏହା ହେଉଛି ସମର୍ପଣ ଭାବର ପର୍ବ। ବର୍ଷର ପ୍ରଥମ ଫସଲକୁ ନିଜ ନିଜର ଇଷ୍ଟ ଦେବଦେବୀଙ୍କ ନିକଟରେ ସମର୍ପଣ କରିବାର ପରମ୍ପରା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇଆସୁଛି। ଇଷ୍ଟ ଦେବଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ସପରିବାର ଏକାଠି ବସି ନୂଆଁ ଖାଇଥାନ୍ତି।







## ନୂଆଁଖାଇରେ ପତ୍ରର ଭୂମିକା

କାମଟିକ୍ରା,୩୧।୮ (ଡି.ଏନ.ଏ.)

ନୂଆଁଖାଇ ଦିନ ବିଭିନ୍ନ ପତ୍ରରେ ନୂଆ ଖାଇବାର ପରମ୍ପରା ହେଉଛି ଏହି ପର୍ବର ଅନ୍ୟତମ ବିଶେଷତ୍ୱ । ଏହି ଦିନ ନବାନ୍ନ ଭକ୍ଷଣ ପାଇଁ ଭିନ୍ନ ଭିନ୍ନ ପତ୍ରର ବ୍ୟବସ୍ଥା ରହିଛି । ଗଉଡ, କନ୍ଧ, ତେଲି, ବ୍ରାହ୍ମଣ, ଭୁଲିଆ, ମାଳି ଜାତିର ଲୋକେ କୁରହେଇ ପତ୍ରରେ ନୂଆଁ ଖାଉଥିବା ବେଳେ ଡୁମାଳ ସହ ଅନ୍ୟ କେତେକ ଭେଲୁଆଁ, ମହୁଲ, ରେଂଗାଲ ଆଦି ପତ୍ରରେ ନୂଆ ଖାଇଥାନ୍ତି। ସେହିପରି କେତେକ ସାରୁ, କଦଳୀ ଏବଂ ପଣସ ପତ୍ରରେ ନବାନ୍ନ ଭକ୍ଷଣ କରନ୍ତି। ମହତ୍ୱପୂର୍ଣ୍ଣ ବିଷୟ ହେଲା ନବାନ୍ନ ଭକ୍ଷଣ ପାଇଁ ଉକ୍ତ ଗଛଗୁଡିକରେ ପତ୍ର ତୋଳିବା ବେଳେ ବୃକ୍ଷ ପୂଜା କରିବାକୁ ପଡେ। ପରିବାରର ମୁଖ୍ୟମାନେ ବୃକ୍ଷ ପୂଜା କରିବା ପରେ ପତ୍ର ତୋଳନ୍ତି। ଭଲ ପତ୍ରରେ ଖଲି ଓ ଦନା ପ୍ରସ୍ତୁତ କରାଯାଇ ସେଥିରେ ପ୍ରଥମେ ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଏ। ପରେ ପରିବାରର ସଦସ୍ୟମାନେ ସେହି ପତ୍ରରେ ନିର୍ମିତ ଖଲି ଓ ଦନାରେ ନବାନ୍ନ ଭକ୍ଷଣ କରନ୍ତି।






ନୂଆଁଖାଇ ଜୁହାର
ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତର ସମସ୍ତ ମାଆ, ମାଉସୀ, ଭାଇ ଭଉଣୀ, ଶ୍ୟାନ ସୁଜନମାନଙ୍କୁ ମୋର ନୂଆଁଖାଇ ଜୁହାର। ଆଗାମୀ ଦିନରେ ପଞ୍ଚାୟତର ସମସ୍ତ ଗ୍ରାମର ଉନ୍ନତିରେ ଜନସାଧାରଣଙ୍କ ସହଯୋଗ କାମନା କରି ସୁଖ ସମୃଦ୍ଧି ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରେଁ।
ଶ୍ରୀମତୀ ରଶ୍ମିତା ଦାଶ
ସରପଞ୍ଚ, ହଲନଭଟା ପଞ୍ଚାୟତ

ନୂଆଁଖାଇ ଜୁହାର
ତୁରେକେଲା ବ୍ଲକ ଖଗସା ପଞ୍ଚାୟତର ସମସ୍ତ ମାଆ, ମାଉସୀ, ଭାଇ ଭଉଣୀ, ଗୁରୁଜନଙ୍କୁ ମୋର ନୂଆଁଖାଇ ଜୁହାର। ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରି ସମସ୍ତଙ୍କ ସୁଖ ସମୃଦ୍ଧି ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରେଁ।
ଶ୍ରୀମତୀ ଶାନ୍ତି ତାଣ୍ଡି
ସରପଞ୍ଚ, ଖଗସା, ତୁରେକେଲା ବ୍ଲକ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର।
ପ୍ରକାଶ ଚନ୍ଦ୍ର ପ୍ରଧାନ
ସମ୍ପାଦକ, କନସିଂହା ସେବା ସମବାୟ ସମିତି ଲିଃ.

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର।
ପ୍ରଭଞ୍ଜନ ମାଝୀ
ଶାଖା ପରିଚାଳକ, ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ, ପଦ୍ମପୁର, ବରଗଡ଼

କଳିଙ୍ଗ ଜ୍ୱେଲର୍ସ
କଳିଙ୍ଗ ମେଡିସିନ୍
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଅନିଲ କୁମାର ଅଗ୍ରୱାଲା

ନୂଆଁଖାଇ ଜୁହାର
ପବିତ୍ର ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଡା. ସୌମ୍ୟ ରଂଜନ ନାଏକ
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସଇଁତଲା

ନୂଆଁଖାଇ ଜୁହାର
ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ସମସ୍ତଙ୍କର ସୁଖ ଓ ସମୃଦ୍ଧି ପାଇଁ ସୁରେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।
ଆର୍ତ୍ତତ୍ରାଣ ବାବୁ
ଏମ୍‌ଡି, ଗୋପାଳ ରାଇସ୍ ମିଲ୍ ପ୍ରା. ଲିଃ, ସୋନପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ଅବସରରେ ମୋର ଲରାସରା ଗ୍ରାମପଞ୍ଚାୟତବାସୀ ଓ ଅତାବିରାବାସୀଙ୍କୁ ମା ସମଲେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ନୂଆଖାଇ ଜୁହାର
କୀର୍ତ୍ତନ ସେଟ
ସରପଞ୍ଚ ଲରାସରା ଗ୍ରାମ ପଞ୍ଚାୟତ
ଅତାବିରା ପଞ୍ଚାୟତ ସମିତି, ବରଗଡ଼

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଓ ପବିତ୍ର ଗଣେଶପୂଜା ଉପଲକ୍ଷେ କେସିଙ୍ଗା ଏନ୍ଏସିର ୧୨ଟି ୱାର୍ଡର କାଉନସିଲର, ସମସ୍ତ ଗୁରୁଜନ ତଥା ଭାଇ ଭଉଣୀଙ୍କୁ ନୂଆଁଖାଇ ଜୁହାର। କେସିଙ୍ଗା ସହରକୁ ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଅନୁରୋଧ। ଜୟ ବୁଢ଼ା ଡଙ୍ଗର।
ନୃପରାଜ ଯାଦବ ଅଧ୍ୟକ୍ଷ, ଏନ୍.ଏ.ସି., କେସିଙ୍ଗା, କଳାହାଣ୍ଡି

ନୂଆଁଖାଇ ଜୁହାର
ପବିତ୍ର ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ଅଞ୍ଚଳବାସୀଙ୍କୁ ମୋର ନୂଆଁଖାଇ ଜୁହାର
ଡା. ପ୍ରେମାନନ୍ଦ ମହାନ୍ତି
ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ

ନୂଆଁଖାଇ ଜୁହାର
Suiting Shirting Saree Dress Material Readymade
A Complete Family Shop
FASHION HOUSE
ନୂଆଁଖାଇ ଉପଲକ୍ଷେ ଫେସନ୍ ହାଉସ୍ ତରଫରୁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଫେସନ୍ ହାଉସ୍
ସଇଁନ୍ତଲା ମେନ୍ ରୋଡ୍, ସଇଁନ୍ତଲା

IndianOil
ପବିତ୍ର ଶ୍ରୀ ଗଣେଶ ପୂଜା ଏବଂ
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ
ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର।
Maa Chandeswari Filling Station
Bibina, Saintala

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ମା ସମଲେଇ ସମସ୍ତଙ୍କୁ ପଣତକାନିରେ ଢାଙ୍କି ସୁଖ ସମୃଦ୍ଧିରେ ରଖିଥାଉ, ଏହା ହିଁ କାମନା। ଲଖନପୁର ବ୍ଲକବାସୀଙ୍କୁ ନୂଆଁଖାଇ ଜୁହାର।
ହୁତେଶ୍ୱରୀ ତିହିରିଆ
ଲଖନପୁର ବ୍ଲକ ଅଧ୍ୟକ୍ଷା

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ଓ ଗଣେଶ ଚତୁର୍ଥୀ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଜଗଦମ୍ବା ପେଡ଼ି
ପ୍ରୋସେସିଙ୍ଗନ୍, ମହଗାଁ, ସଇଁନ୍ତଲା

ସୁଶ୍ରୀ କଲେଜ ସମୂହ, ସଦାଇପାଲି, ବଲାଙ୍ଗୀର
ସାଇଟ୍ ଏମ୍.ଏସ୍.ସି. ନର୍ସିଂ, ବି.ଏସ୍.ସି.ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ୍ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ., ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି. ପରିବାର ତରଫରୁ
ସମସ୍ତଙ୍କୁ ନୂଆଁଖାଇ ଜୁହାର
ନାରାୟଣ ପ୍ରସାଦ ମିଶ୍ର
ସମ୍ପାଦକ
ଡ. ଶ୍ରୀକର ମିଶ୍ର
ପ୍ରତିଷ୍ଠାତା

ନୂଆଁଖାଇ ଜୁହାର
ପବିତ୍ର ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ଅଞ୍ଚଳବାସୀଙ୍କୁ ମୋର ନୂଆଁଖାଇ ଜୁହାର
ହିମାଞ୍ଚଳ ବୁଡେକ
ଜିଲା ପରିଷଦ ସଭ୍ୟ, ଜୋନ୍-୩୦

ନୂଆଁଖାଇ ଜୁହାର
କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା, ଅଭିନନ୍ଦନ। ମାଁ ସମଲେଶ୍ୱରୀ ସମସ୍ତଙ୍କ ଚଲାପଥକୁ କୁସୁମିତ କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା।
ଦେବେଶ ଆଚାର୍ଯ୍ୟ
ବିଧାୟକ, ବରଗଡ଼

ନୂଆଁଖାଇ ଜୁହାର
ପବିତ୍ର ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ସଇନ୍ତଲାର ସମସ୍ତଙ୍କୁ ନୂଆଁଖାଇ ଜୁହାର
କପିଳ ଏଣ୍ଡ ସନ୍ସ
ସମାଜସେବୀ, ସଇଁନ୍ତଲା

ନୂଆଁଖାଇ ଜୁହାର
ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲା ଓ ତରଭା ବ୍ଲକର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ସମସ୍ତଙ୍କର ସୁଖ ଓ ସମୃଦ୍ଧି ପାଇଁ ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି।
ସରୋଜ କର୍ମୀ
ପଞ୍ଚାୟତ ସମିତି ଅଧ୍ୟକ୍ଷ, ତରଭା
ଅଞ୍ଜଳି କର୍ମୀ
ଜିଳା ପରିଷଦ ସଭ୍ୟ

See Career Appointment on every Wednesday & Saturday






